୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Thursday October 30 ଭୁବନେଶ୍ୱର ଗୁରୁବାର, ୩୦, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସଚେତନତା ସପ୍ତାହ ୨୦୨୫ କାର୍ଯ୍ୟକ୍ରମ



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନୁଷ୍ଠାନିକ ଭାବରେ ସତର୍କତା (ଭିଜିଲାନ୍ସ) ସଚେତନତା ସପ୍ତାହ ୨୦୨୫ ସୋମବାର ଦିନ ଉଦଘାଟିତ ହୋଇଯାଇଛି କ୍ଷ ଏହି ଅଭିଯାନ ଚଳିତ ଅକ୍ଟୋବର ୨୭ ରୁ ଆସନ୍ତା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ କ୍ଷ ଏହି କାର୍ଯ୍ୟକ୍ରମରେ ସାଧାରଣ ପ୍ରଶାସନରେ ଅଖଣ୍ଡତା, ସ୍ୱଛତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଦେଶବ୍ୟାପୀ ପଦକ୍ଷେପ ସହିତ ସମନ୍ୱିତ। ଏହି ବର୍ଷର ସତର୍କତା ସଚେତନତା ସପ୍ତାହର ବିଷୟବସ୍ତୁ ହେଉଛି 'ସତର୍କତା: ଆମର ସହଭାଗୀ ଦାୟିତ୍ୱ'। ଉଦଘାଟନୀ ଉତ୍ସବରେ ପାରାଦୀପ ବନ୍ଦର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ସମସ୍ତ କର୍ମଚାରୀଙ୍କୁ ଅଖଣ୍ଡତା ପ୍ରତିଜ୍ଞା ପ୍ରଦାନ ସହିତ ଆରମ୍ଭ ହୋଇଥିଲା। ଏହି ସପଥପାଠ ସମସ୍ତ ସାଂଗଠନିକ କାର୍ଯ୍ୟକଳାପରେ ସଚ୍‌ଚୋଟତା ଏବଂ ଅଖଣ୍ଡତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ କର୍ମଚାରୀମାନଙ୍କର ସାମୂହିକ ସଂକଳ୍ପକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା। ଦିବସର କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, କର୍ମଚାରୀମାନଙ୍କ ମଧ୍ୟରେ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ କର୍ମକ୍ଷେତ୍ରରେ ନୈତିକ ଆଚରଣର ବୁଝାମଣାକୁ ସୁଦୃଢ଼ ??କରିବା ପାଇଁ ସତର୍କତା ସଚେତନତା ଉପରେ ଏକ ସ୍ୱଟ୍ କୁଇଜ୍ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ନାଟ୍ୟ ଗୋଷ୍ଠୀ 'କ୍ୟାନମାସ' ଦ୍ୱାରା 'ଗଳବତା' ଶୀର୍ଷକ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା, ଯାହା ସାଂସ୍କୃତିକ ମାଧ୍ୟମରେ ସଚ୍‌ଚୋଟତା ଏବଂ ନୈତିକ ଅଭ୍ୟାସର ଗୁରୁତ୍ୱକୁ ପ୍ରଭାବଶାଳୀ ଭାବରେ ପ୍ରକାଶ କରିଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ପିଢ଼ିକୁ ସାମିଲ କରିବା ପାଇଁ, ସ୍ଥାନୀୟ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆ ଭାଷାରେ 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାର ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ୱଚ୍ଛତା ଏବଂ ସୁଶାସନର ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା । ସପ୍ତାହବ୍ୟାପୀ ପାଳନ ସମୟରେ, କର୍ମଚାରୀ, ଅଂଶୀଦାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚ୍‌ଚୋଟତା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ଏକ ପଦଯାତ୍ରା, ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ସମେତ ଅନେକ କାର୍ଯ୍ୟକ୍ରମ ଯୋଜନା କରାଯାଇଛି। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସଚ୍‌ଚୋଟତା ଏବଂ ସ୍ୱଚ୍ଛତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ, ସକ୍ରିୟ ସତର୍କତା ପଦକ୍ଷେପ ଏବଂ ଅଂଶଗ୍ରହଣକାରୀ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ସମସ୍ତ କାର୍ଯ୍ୟରେ ଜନସାଧାରଣଙ୍କ ବିଶ୍ୱାସ ଏବଂ ଦାୟିତ୍ୱ ସୁନିଶ୍ଚିତ କରିବା।

## ଡମଣା କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,(ପି.ଏନ): ଡମଣା କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷ ଡମଣା ଗ୍ରାମର ମହାଦେବ ମେଳଣ ପଡିଆ ଠାରେ ୩୮ ତମ କାର୍ତ୍ତିକେଶ୍ୱର ପୂଜା ମହୋତ୍ସବ ଓ ବୋଇତ ବନ୍ଧାଣ ଉତ୍ସବ ଧୁମଧାମରେ ପାଳିତ ହେବାକୁ ନିଷ୍ପତ୍ତି ହୋଇଛି। ଆସ'। ନଭେମ୍ବର ୧ ତାରିଖ ଠାରୁ ୯ ତାରିଖ ପର୍ଯ୍ୟ' ୯ ଦିନ ଧରି ପୂଜା ମହୋତ୍ସବ ଅନୁଷ୍ଠିତ ହେବ। ଶନିବାର ଏକାଦଶୀ ଦିନ କଳସ ଯାତ୍ରା କରାଯାଇ ମଣ୍ଡପରେ କଳସ ସ୍ଥାପନ କରାଯିବ। ରବିବାର ଦ୍ୱାଦଶୀ ତିଥିରେ ସୂର୍ଯ୍ୟ ପୂଜା, ପ୍ରାଣ ପ୍ରତିଷ୍ଠା, ଉପଚାର ପୂଜା ଓ ଯଜ୍ଞାଧିବାସ କର୍ମ ଅନୁଷ୍ଠିତ ହେବ। ସୋମବାର, ମଙ୍ଗଳବାର ଯାଥାବିଧି, ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ବଡ ଓଷାରେ ବଡ ଭୋଗ ଲାଗି କରାଯିବ। ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରାତଃ ପ୍ରହରୁ ଗ୍ରାମ ପୁଷ୍କରିଣୀରେ ବୋଇତ ବନ୍ଧାଣ ଉତ୍ସବ ଅନୁଷ୍ଠିତ ହେବ। କମିଟି ପକ୍ଷରୁ ଡଙ୍ଗା ଭସାଇବା ଲାଗି ଶ୍ରଦ୍ଧାଳୁ ମାନଙ୍କ ପାଇଁ ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯାଇଛି। ସନ୍ଧ୍ୟା ୭ ଘଟିକା ସମୟରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ୧ ରୁ ୩ ତାରିଖ ପର୍ଯ୍ୟ' ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ, ୪ ତାରିଖରେ ମେଲୋଡି ଓ ୫ ରେ ପ୍ରାତଃ ସମୟରୁ ଭଜନ ସମାରୋହ ଅନୁଷ୍ଠିତ ହେବ। ୭ ଓ ୮ ତାରିଖରେ ଗ୍ରାମର ବଛା ବଛା କଳାକାର ମାନଙ୍କୁ ନେଇ ସାମାଜିକ ନାଟକ ସେଇ ଗୋଟିଏ ଭୁଲ ପାଇଁ ଓ ଦ୍ୱିତୀୟ ରତିରେ ସ୍ୱାମୀ ପାଇଁ ପଛେ ନର୍କକୁ ଯିବି ମ ସ୍ଥ ହେବ। ୯ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇ ପାରମ୍ପରିକ ବାଦ୍ୟରେ ଗ୍ରାମ ପରିକ୍ରମା କରାଯାଇ ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟିର ଉପଦେଷ୍ଟା ତଥା ସମାଜସେବୀ ନିଶାକର ସାହୁ, ସଭାପତି ସୀମା' ପୃଷ୍ଟି ଓ ସମ୍ପାଦକ ବିଜୟ ସାହୁ କହିଛନ୍ତି।

## ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ




ଭୁବନେଶ୍ୱର,(ପି.ଏନ):ମଧୁସୂଦନ ନଗର ସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ 'ଦି ପାଇଓନିଅର୍ସ ଅଫ୍ ଡିସ୍‌କଭର ଶୀର୍ଷକ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଏହି ପ୍ରଦ୍ରଶନୀ ସ୍କୁଲର ସହ ପ୍ରତିଷ୍ଠାତା ସର୍ଗତ ଚନ୍ଦ୍ର ଶେଖର ପତିଙ୍କ ୬୨ତମ ଜନ୍ମବାର୍ଷିକୀକୁ ସ୍ମରଣ କରି ଆୟୋଜନ କରାଯାଇଥିଲା, ଏହି ପ୍ରଦ୍ରଶନୀରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଶାସକ ଶ୍ରୀଯୁକ୍ତ ହିମାଂଶୁ ଶେଖର ପତି ଉପସ୍ଥିତ ରହି ନିଜ ଅଭିଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ନବୀନ ଧାରଣା ଓ ବୈଜ୍ଞାନିକ ସୃଜନଶୀଳତାକୁ ପ୍ରଶଂସା କରିଥିଲେ । ପ୍ରଦର୍ଶନୀରେ ବିଚାରକ ଶ୍ରୀ ଦିଗମ୍ବର ପାଣିଗ୍ରାହୀ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ଼ ସନାତନ ମାଝି ଯୋଗଦେଇଥିଲେ । ବିଚାରକ ମାନେ ଛାତ୍ରଛାତ୍ରୀମାନଙ୍କ ପ୍ରୟାସ ଓ ବିଜ୍ଞାନକୁ ନେଇ ତାଙ୍କ ମଧ୍ୟରେ ଥିବା ଉତ୍ସାହ ଓ ସୃଜନଶୀଳତାର ବହୁ ପ୍ରଶଂସା କରିଥିଲେ, ଏହି ପ୍ରଦ୍ରଶନୀରେ ଦୁଇଶହରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ୧ମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷା, ଉର୍ଜା ସଂରକ୍ଷଣ, ରୋବୋଟିକ୍, ସ୍ମାର୍ଟ?ସିଟି,ଏସ୍ - ୪୦୦ ରାଡାର,ଭାକ୍ୟୁମ ଗନ୍ ଭିଓକ ନାନା ପ୍ରକଳ୍ପ ପ୍ରଦ୍ରଶନୀ କରିଥିଲେ,ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବସନ୍ତ କୁମାର ତ୍ରିପାଠୀ, ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ରୁଚି. ଆଗ୍ରହ ଉତ୍ସାହ ତଥା ଆବିଷ୍କାର ମୂଳକ ଚେତନାର ଭୂୟସୀ ପ୍ରଶଂସା କରିଥିଲେ,ଏହି ପ୍ରଦ୍ରଶନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ରୁଚି, ଆଗ୍ରହ ଜାଗୃତ କରି ପିଲାମାନଙ୍କ ସୃଜନଶୀଳ ଚିନ୍ତାଧାରା ତଥା ଆବିଷ୍କାର ମୂଳକ ଶକ୍ତିକୁ ଉନ୍ନତ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରୟୋଗ ଓ ଅନୁସନ୍ଧାନ ମାଧ୍ୟମରେ ପ୍ରୟୋଗିକ ଜ୍ଞାନ ଓ ବୈଜ୍ଞାନିକ ଚିନ୍ତାଧାରାର ବିକାଶ କରି ଆଗାମୀ ପିଢିକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଦେଶ ତଥା ଆମ ରାଜ୍ୟକୁ ସାରା ବିଶ୍ୱରେ ପ୍ରତିଷ୍ଠିତ କରାଇବା, ଆଜିର ଏହି ପବିତ୍ର ଦିବସଟିରେ ସହପ୍ରତିଷ୍ଠାତା ସର୍ଗତ ଚନ୍ଦ୍ର ଶେଖର ପତିଙ୍କ ଜନ୍ମବାର୍ଷିକିକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ଏହି ଦିବସରେ ବିଜ୍ଞାନ ମେଳାର ଆୟୋଜନ ହୋଇଆସୁଛି । ଆଜିର ଦିବସଟି ସେ ପବିତ୍ର ଆତ୍ମା ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି, ଭୁବନେଶ୍ୱର ରୁ ସ୍ୱର୍ଣ୍ଣ ପ୍ରଭା ନାୟକ ଙ୍କ ରିପୋର୍ଟ।

## ଜଗତସିଂହପୁର ଅବକାରୀ ବିଭାଗକୁ ସଫଳତା: ୬ କେଜି ୫୯୦ ଗ୍ରାମ୍ ଗଞ୍ଜେଇ ଜବତ

ଜଗତସିଂହପୁର ,(ପି ଏନ): ଅବକାରୀ କମିଶନର ପି ଅନ୍‌ବେଷା ରେଡ୍ଡି ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷୀକା ଅନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଦିନ ଜଗତସିଂହପୁର ଜିଲ୍ଲା କ୍ରିଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ପୋଷଲ ଗ୍ରାମରେ ଚଢାଉ କରି ୬ କେଜି ୫୯୦ ଗ୍ରାମର ଗଞ୍ଜେଇ ଜବତ କରିଛି ଯାହାର କଳାବଜାରୀ ମୂଲ୍ୟ ପ୍ରାୟ ୬୫୯୦୦ ଟଙ୍କା। ଏହି ସନ୍ଦର୍ଭରେ ରିତେଶ କୁମାର ଦାସ, ବୟସ ୩୭ ବର୍ଷ, ପିତା- ବିଷ୍ଣୁ ଚରଣ ଦାସ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ପୋଷଲ ଗ୍ରାମର ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ଗତ କିଛି ମାସ ଧରି ଗଞ୍ଜେଇ ବ୍ୟବସାୟରେ ଲିପ୍ତ ଥିଲେ।

## ଦଣ୍ଡପାଟ ଆଞ୍ଚଳିକ ପଣ୍ଡରାମାଳୀ ସମାଜର ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ




ଧର୍ମଗଡ଼: (ପି ଏନ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ପର୍ଲ୍ଲା ଧାନ ମଣ୍ଡି ଠାରେ ଦଣ୍ଡପାଟ ଆଞ୍ଚଳିକ ପଣ୍ଡରାମାଳୀ ସମାଜ ତରଫରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଇଷ୍ଟଦେବତା ଈଶ୍ୱର ପାର୍ବତୀ ଏବଂ ଶିକ୍ଷାର ଜନକ ଜ୍ୟୋତିବା ଫୁଲେ ଓ ସାବିତ୍ରୀ ବାଇ ଫୁଲେଙ୍କ ଫଟୋଚିତ୍ରରେ ପୂଜା ଅର୍ଚ୍ଚନା କରାଯାଇଥିଲା କଦଲୀମୁଣ୍ଡା ଗ୍ରାମ ଗହଟିଆ ଚିତେଶ୍ୱର ବୋଡକିଆଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ସଭାରେ ସଭାପତି ଅମିନ ରଣା ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ପଣ୍ଡରାମାଳୀ ସେବା ସଂଘ ର ସଭାପତି ଶ୍ରି ଈଶ୍ୱର ପୁଝାରୀ, ମୁଖ୍ୟବକ୍ତା ଆଇନ ପରାମର୍ଶଦାତା ଶ୍ରୀ ଦୁର୍ଗା ପ୍ରସାଦ ନାଏକ,କୂଳପତି ଶ୍ରୀ ପ୍ରକାଶ ଚନ୍ଦ୍ର ନାଏକ, ସଂପାଦକ ବିଷ୍ଣୁ ପ୍ରସାଦ ବୋଡେକ,ଯୁବ ବାହିନୀ ସଭାପତି ଶ୍ରୀ ଭବାନୀ ଶଙ୍କର ବଣିଆ, ବରିଷ୍ଠ ସମାଜ ସେବି ରାଜେନ୍ଦ୍ର ଭୋଇ,ରତନ ନାଏକ, ଧର୍ମଗଡ଼ ନଗର ଯୁବ ବାହିନୀ ସଭାପତି ସ୍ୱୟୋମ୍ୟ ରଞ୍ଜନ ନାଏକ ,ଶ୍ରୀକାନ୍ତ ନାଏକ,ବୁଦ୍ଧିରାମ ବୋଡକିଆ , କଦଲୀମୁଣ୍ଡା ସରପଞ୍ଚ ଶ୍ରି ମତୀ ଘନକେଶୀ ବୋଡକିଆ, ସମିତି ସଭ୍ୟା ଜୟମଣି ବୋଡକିଆ, ପ୍ରସାଦ ନାଏକ, ଝସକେତନ ପରିକ୍ଷିତ ରାମ ନାଏକ ସମ୍ମାନିତ ଅତିଥି ଭାବରେ ମଞ୍ଚାସିନ ହୋଇଥିଲେ। ଅତିଥି ମାନେ ସମାଜରସବୁ କ୍ଷେତ୍ରରେ ବିକାଶ ଯେପରି ଶିକ୍ଷା,ସ୍ୱାସ୍ଥ୍ୟ,ସାମାଜିକ ଚଳଣିରେ ଥିବା କୁସଂସ୍କାର,ନାରୀ ଶିକ୍ଷା ଉପରେ ଗୁରୁତ୍ୱଦେଇ ଏକ ବିକଶିତ ସମାଜ ଗଠନ ପାଇଁ ପରାମର୍ଶ ଦେବା ସହ ଏକ ସଂଗଠିତ ସମାଜ ଗଠନ ପାଇଁ ଅଭିଭାଷଣ ପ୍ରଦାନ କରିଥିଲେ। ପଣ୍ଡରା ମାଳି ସମାଜର ଯୁବକ ଶ୍ରୀ ଘନଶ୍ୟାମ ମଶରା ଯିଏକି ୩୫ଥର ରକ୍ତଦାନ କରି ନିରୀହ ବ୍ୟକ୍ତିମାନଙ୍କ ଜୀବନ ରକ୍ଷା କରିଥିବାରୁ ତାଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।ସଭାକୁ ସେତୁ ରାମ ଭକ୍ତ ପରିଚାଳନା କରିଥିବା ବେଳେ ଶ୍ରୀ ସୁମନ୍ତ ବଣିଆ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ସଭାର ଦିତୀୟାର୍ଦ୍ଧ ରେ ସଭାପତି ଈଶ୍ୱର ପୁଝାରୀ ଙ୍କ ଦ୍ୱାରା ଦଣ୍ଡପାଟ ଆଞ୍ଚଳିକ ପଣ୍ଡରାମାଳୀ ସମାଜ ର ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଥିଲା ।ଏଥିରେ ଦଣ୍ଡପାଟ ଆଞ୍ଚଳିକ ପଣ୍ଡରାମାଳୀ ସମାଜ ର ସଭାପତି ଭାବରେ ସେତୁ ରାମ ଭକ୍ତ, ଉପସଭାପତି ଭବାନୀ ଶଙ୍କର ଭୋଇ,ପଦ୍ମବନ ବିଶି,କୁଶଧ୍ୱଜ ନାଏକ, ସଂପାଦକ ଓ ସହ ସମ୍ପାଦକ ଭାବେ ପରମାନନ୍ଦ ନାଏକ, ସୁବାଷ ବୋଡକିଆ, ଲକ୍ଷ୍ମଣ ମଶ୍ରା,ଐରାବତ ନାଏକ, ଦୁର୍ଯ?ଧନ ଲିମଗୋଛିଆ ଓ କୋଷାଧକ୍ଷ ଭାବରେ କବିରାମ ଲିମଗୋଛିଆ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଶେଷରେ ସଂପାଦକ ସୁବାଷ ବୋଡକିଆ ନିମନ୍ତ୍ରିତ ଅତିଥି ମାନଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଳୟ ଲିମଗୋଛିଆ, ଜଗତ ରାମ ଲିମଗୋଛିଆ,ଅଜିତ ବୋଡକିଆ, ପୁର୍ଣ୍ଣଚନ୍ଦ୍ର ବୋଡକିଆ ସଭା କାର୍ଯ୍ୟରେ ସହଯୋଗ କରିଥିଲେ।

## ପାରାଦୀପ ବାଲିଯାତ୍ରାକୁ ଉଦଘାଟନ କରିବେ ମାନ୍ୟବର ମୁଖ୍ୟମନ୍ତ୍ରୀ : ଜିଲ୍ଲାପାଳ

ପାରାଦୀପ,(ପି.ଏନ): ୪ ତାରିଖ ଦିନ ପାରାଦୀପ ସମୁଦ୍ରକୂଳରେ ଅନୁଷ୍ଠିତ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରାକୁ ଉଦଘାଟନ କରିବେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥି ସହିତ ପାରାଦୀପ ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେବେ ବୋଲି କଳିଙ୍ଗ ବାଲିଯାତ୍ରା ମହୋତ୍ସବ କମିଟିର ଅଧକ୍ଷ ତଥା ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ସୂଚନା ଦେଇଛନ୍ତି । ବୁଧବାର ଦିନ ପାରାଦୀପ କଳିଙ୍ଗ ବାଲିଯାତ୍ରା ପଡିଆର ସ୍ଥିତି ଅନୁଧ୍ୟାନ କରିବାକୁ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଆସିଥିଲେ । ବାଲିଯାତ୍ରା ପଡିଆ, ହେଲିପ୍ୟାଡ୍, ପାର୍କିଙ୍ଗ ଏରିଆ ଆଦି ବୁଲି ଦେଖିବା ସହିତ ସମସ୍ତ କାର୍ଯ୍ୟ ତଦାରଖ କରି ଫେରିଥିଲେ । ଶାନ୍ତିଶୃଙ୍ଖଳାର ସହିତ ପୋଲିସ୍ ମୁତୟନ ଆଦି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ ଆରକ୍ଷୀ ଅଧିକ୍ଷକ ଶ୍ରୀ ବର୍ମା। ଉଦଘାପନୀ ଉତ୍ସବରେ ମହାମହିମ ରାଜ୍ୟପାଳ ଯୋଗ ଦେବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ପ୍ରତିଷ୍ଠିତ କଳାକାରମାନେ ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଷଣ କରିବେ । ଚଳିତ ବର୍ଷର ବାଲିଯାତ୍ରାକୁ ସରସ ସୁନ୍ଦର କରିବାକୁ ପ୍ରଶାସନ ସମସ୍ତ ପ୍ରକାରର ପ୍ରସ୍ତୁତି କରୁଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଚଳିତ ଥର ପ୍ରଥମ ଥର ପାଇଁ ଖବର ସଂଗ୍ରହରେ ସୁଗମ ପାଇଁ ମିଡିଆ ଲାଉଂଜ୍ କରାଯାଉଥିବା ନେଇ ସେ ସୂଚନା ଦେଇଥିଲେ।

## ଆ□ଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କେନ୍ଦ୍ରାପଡ଼ା,(ପି.ଏନ): ଫକିରାବାଦସ୍ଥିତ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ଆ□ଳିକ ସାଧନ କେନ୍ଦ୍ରର ଶିଶୁ ମହୋତ୍ସବ ସୁରଭି-୨୦୨୫ ଉକ୍ତ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାମଲ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଚାଟରା ଚକଡ଼ା ଗ୍ରାମ ପ□ାୟତ ସରପ□ ମମତା ରାଉତ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ□ଶଖା ଶିକ୍ଷାସେତୁ ଅଧକ୍ଷ ହଳଧର ଦାସ, ସମ୍ମାନିତ ଅତିଥି ଭାବେ ଚାଟରା ଚକଡ଼ା ପ□ାୟତ ସମିତି ସଭ୍ୟ ନିରଞ୍ଜନ କର, ଡେରାବିଶ ସହମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଓ ସଚ୍ଚିକାନ୍ତ ମିଶ୍ର ଯୋଗଦେଇ ସମସ୍ତ ପ୍ରତିଯୋଗୀମାନଙ୍କୁ ଅର୍ଶ୍ୱବଚନ ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷ ଏବଂ ପ୍ରାକ୍ତନ ସି.ଆର.ସି.ସି. ରମେଶ ଚନ୍ଦ୍ର ପତି ମଧ୍ୟ ଉପସ୍ଥିତ ଥିଲେ । ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଆ□ଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରକାଶ ଚନ୍ଦ୍ର ନାୟକ ସଭାର ଉଦେଶ୍ୟ ଜ୍ଞାପନ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା । ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ମ□ ପରିଚାଳନା କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ତଥା ସଂପୃକ୍ତ ଆ□ଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହାୟତାରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା । ଶେଷରେ ଶିକ୍ଷକ ଭକ୍ତ ଚରଣ ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray